# ମହିଳାଙ୍କୁ ପ୍ରୋତ୍ସାହିତ କରୁଛି ବିଆଇପିଏଫ୍



ଭୁବନେଶ୍ୱର,୧୪।୩

ମହିଳାଙ୍କୁ ପ୍ରୋତ୍ସାହିତ କରିବା ଦିଗରେ ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେଶନ (ବିଆଇପିଏଫ୍) କାର୍ଯ୍ୟ କରୁଛି। ଅନୁଷ୍ଠାନ ପକ୍ଷରୁ ପ୍ରୋଜେକ୍ଟ ଉନ୍ନତି କାର୍ଯ୍ୟକାରୀ କରାଯାଉଛି। ଏହି ପ୍ରକଳ୍ପ ଅଧୀନରେ ଛତୁଚାଷ ସମ୍ପର୍କିତ ତାଲିମ ନେଇ ଭାରତୀ ମହନ୍ତ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ୨୬ ବର୍ଷୀୟା ଭାରତୀଙ୍କ ଘର ଯାଜପୁର, ସୁକିନ୍ଦା ବ୍ଲକ କାଳିଆପାଣିର କ୍ଷୁଦ୍ର ପତାରେ। ଗ୍ରାମରେ ଉପଲବ୍ଧ ସମ୍ବଳ ବ୍ୟବହାର କରି ଆତ୍ମନିର୍ଭରଶୀଳ ହେବାକୁ ସେ ସକ୍ଷମ ହୋଇପାରିଛନ୍ତି। ନିଜର ୭୫୦ ବର୍ଗଫୁଟ୍ ପରିମିତ ଛତୁଚାଷ ୟୁନିଟରେ ସେ ଛତୁ ଉତ୍ପାଦନ କରୁଛନ୍ତି। ଜଣେ ସାଧାରଣ ଗୃହିଣୀରୁ ସେ ଛତୁଚାଷୀ ପାଲଟି ଯାଇଛନ୍ତି। ବିଆଇପିଏଫ୍‌ର ପ୍ରୋଜେକ୍ଟ ଉନ୍ନତି ସମ୍ପର୍କରେ ଜାଣିବା ପରେ ସେ ଏଭଳି କାର୍ଯ୍ୟ କରିବାକୁ ଉତ୍ସାହିତ ହୋଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମଧ୍ୟରେ ଛତୁ ଚାଷକୁ ଉତ୍ସାହିତ କରିବା ଦିଗରେ ଅନୁଷ୍ଠାନ ଏକ ପ୍ରକଳ୍ପ ହାତକୁ ନେଇଥିଲା। ଅନୁଷ୍ଠାନ ମହିଳାଙ୍କ ଲାଗି ଏଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ଆସୁଛି। ଗ୍ରାମର ଅନ୍ୟ ମହିଳାଙ୍କ ଭଳି ଭାରତୀଙ୍କୁ ସମ୍ବଳ ଏବଂ ଠିକ୍ ମାର୍ଗଦର୍ଶନ କରିବାକୁ ବିଆଇପିଏଫ୍ ଆଗେଇ ଆସିଥିବା ସ୍ପଷ୍ଟ କରିଛି।